ଭାରତ ସରକାର
ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ
ଶ୍ରମିକ କଲ୍ୟାଣ ସଂଗଠନ
କଲ୍ୟାଣ ଏବଂ ଉପକର ଆୟୁକ୍ତଙ୍କ କାର୍ଯ୍ୟାଳୟ
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର-୧୫
ଦୂରଭାଷ - ୦୬୭୪-୨୫୫୪୦୦୦/୨୫୫୭୨୨୦

...

**Advertisement under RIHS-2016 for Beedi/IOMC/LSDM/Cine Industries Workers of Odisha State**

ଏତଦ୍ୱାରା ସମସ୍ତ ବିଡି, ଲୌହ, ମାଙ୍ଗାନିଜ୍, କ୍ରୋମ୍, ଚୁନ ପଥର ଓ ଡୋଲୋମାଇଟ୍ ଖଣି ଶ୍ରମିକ ଓ ସିନେମା ଶିଳ୍ପ ଶ୍ରମିକ ମାନଙ୍କୁ ସୂଚିତ କରାଯାଉଅଛି ଯେ, ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ଦ୍ୱାରା, ବୃହତ୍ ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ପୂର୍ବ ପ୍ରଚଳିତ **RIHS-2007**, ପ୍ରତିବଦଳରେ **RIHS-2016** ପ୍ରଚଳିତ କରାଯାଇଅଛି । ସୁତରାଂ ଗୃହ ନିର୍ମାଣ ପାଇଁ ନୂତନ ଆବେଦନ ପତ୍ର ଗ୍ରହଣ କରାଯାଉଛି । ଇଛୁକ ଆବେଦନକାରୀ, ନୂତନ ଆବେଦନପତ୍ର (ସଂଲଗ୍ନ ନଥିପତ୍ରସହ) ସମ୍ପୂର୍ଣ୍ଣ ଭାବରେ ପୂରଣ କରି ବିଡି, ଚୁନ ପଥର ଓ ଡୋଲୋମାଇଟ୍ ଖଣି ଶ୍ରମିକ ଏବଂ ସିନେ ଶ୍ରମିକ ମାନେ, ଆଂଚଳିକ ମୁଖ୍ୟ କାର୍ଯ୍ୟାଳୟ, ଯଥା :- ଶ୍ରମ କଲ୍ୟାଣ ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା ୩୦.୦୬.୨୦୧୬ ସୁଦ୍ଧା ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୦୦ ମଧ୍ୟରେ ଦାଖଲ କରିପାରିବେ । ସେହିପରି ଲୌହ, ମାଙ୍ଗାନିଜ୍ ଓ କ୍ରୋମ୍ ଶ୍ରମିକମାନେ ସେମାନଙ୍କର ଅବେଦନ ପତ୍ର ଗୁଡିକ ଉପ କଲ୍ୟାଣ ଆୟୁକ୍ତ, ବଡବିଲ, ଜିଲ୍ଲା :- କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ୩୦.୦୬.୨୦୧୬ ସୁଦ୍ଧା ଦାଖଲ କରିପାରିବେ । ପ୍ରଥମେ ଆସିଥିବା ଆବେଦନ ପତ୍ର, ପ୍ରଥମ ସେବା (**First come first serve**) ଅନୁସାରେ ହିତାଧିକାରୀଙ୍କୁ ମନୋନୟନ କରାଯିବ, ଯାହାକି ପ୍ରତ୍ୟେକ ଜିଲ୍ଲା ପାଇଁ ହିତାଧିକାରୀ, ସେହି ଜିଲ୍ଲା ଅନ୍ତର୍ଗତ ହୋଇଥିବା ଶ୍ରମିକଙ୍କ ପଞ୍ଜିକରଣ ସଂଖ୍ୟା ଅନୁପାତରେ ନିର୍ଣ୍ଣୟ କରାଯିବ । ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ୩୦.୦୬.୨୦୧୬ ପରେ ପ୍ରାପ୍ତ ହୋଇଥିବା ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ । ମହା-ନିର୍ଦ୍ଦେଶକ,(ଶ୍ରମିକ କଲ୍ୟାଣ), ଭାରତ ସରକାର, ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ, ନୂଆଦିଲ୍ଲୀ ନିର୍ଦ୍ଦିଷ୍ଟ ଭାବରେ ୨୩୦ ଟି ଘର ବିଡି ଶ୍ରମିକ ମାନଙ୍କ ପାଇଁ, ୫୮ ଟି ଘର ଲୌହ, ମାଙ୍ଗାନିଜ୍ ଓ କ୍ରୋମ୍ ଶ୍ରମିକ ମାନଙ୍କ ପାଇଁ, ୪ ଟି ଘର ଚୁନ ପଥର ଓ ଡୋଲୋମାଇଟ୍ ଖଣି ଶ୍ରମିକ ମାନଙ୍କ ପାଇଁ ଏବଂ ୧ଟି ଘର ସିନେମା ଶ୍ରମିକ ମାନଙ୍କ ପାଇଁ ଓଡିଶା ରାଜ୍ୟ ନିମନ୍ତେ **RIHS-2016** ଅନ୍ତର୍ଗତ ୨୦୧୬-୧୭ ବର୍ଷ ପାଇଁ ଅନୁଗ୍ରହିତ କରିଅଛନ୍ତି । ପୂର୍ବ ପ୍ରଚଳିତ ସ୍କିମ୍ (**RIHS-2007**) ଅନ୍ତର୍ଗତ ମଞ୍ଜୁର ହୋଇନଥିବା ଆବେଦନ ପତ୍ର ଗୁଡିକ ନାକଚ ବୋଲି ଧରି ନିଆଯିବ । ତେଣୁ ଇଛୁକ ଆବେଦନକାରୀ ମାନେ ପୂର୍ବରୁ ଦାଖଲ କରିଥିବା ଆବେଦନ ପତ୍ର ଗୁଡିକୁ ସଂପୃକ୍ତ କାର୍ଯ୍ୟାଳୟ ମାନଙ୍କରୁ ୩୦.୦୫.୨୦୧୬ ସୁଦ୍ଧା ନିଜେ ଅଥବା ଅଧିକୃତ ବ୍ୟକ୍ତିଙ୍କ ଦ୍ୱାରା ଫେରସ୍ତ ନେଇ ପାରିବେ । ନୂତନ ଭାବେ ଗ୍ରହଣ କରାଯାଉଥିବା **RIHS-2016** ଆବେଦନ ପତ୍ର ଗୁଡିକର ପ୍ରାପ୍ତି ତାରିଖକୁ କ୍ରମାନୁଯାୟୀ ବିଚାରକୁ ନିଆଯିବ । ନୂତନ ଆବେଦନ ପତ୍ର (**Application Form**) (କ) ଆଂଚଳିକ ମୁଖ୍ୟ କାର୍ଯ୍ୟାଳୟ ଶ୍ରମ କଲ୍ୟାଣ ଆୟୁକ୍ତ, ଭୁବନେଶ୍ୱର, (ଖ) ଉପ କଲ୍ୟାଣ ଆୟୁକ୍ତଙ୍କ କାର୍ଯ୍ୟାଳୟ, ବଡବିଲ ଏବଂ (ଗ) ନିକଟସ୍ଥ ସ୍ୱାସ୍ଥ୍ୟ ସେବା ୟୁନିଟ୍ ତଥା କାର୍ଯ୍ୟାଳୟ ୱେବ୍ ସାଇଟ୍ :-**www.wccbbsr.gov.in** ରେ ଉପଲବ୍ଧ ।

ସା/-
(ଏନ୍.କେ.ମଣ୍ଡଳ)
କଲ୍ୟାଣ ଓ ଉପକର ଆୟୁକ୍ତ, ଭୁବନେଶ୍ୱର

ବି.ଦ୍ର. ଆବେଦନପତ୍ର ଦାଖଲ ପୂର୍ବରୁ ନିମ୍ନଲିଖିତ ସର୍ତାବଳୀକୁ ଧ୍ୟାନ ଦେବା ଆବଶ୍ୟକ ।

## ଗୃହ ନିର୍ମାଣ ପାଇଁ ଆବେଦନ ପୂର୍ବରୁ ନିମ୍ନଲିଖିତ ନିୟମାବଳୀ ଗୁଡ଼ିକୁ ଦୃଷ୍ଟି ଦିଅନ୍ତୁ

୧. ଆବେଦନକାରୀ ନିଶ୍ଚିତ ଭାବେ ବିଡ଼ି/ ଖଣି /ସିନେମା ଶିଳ୍ପରେ ଅନ୍ୟୁନ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ କାମ କରିଆସୁଥିବେ ।

୨. ଆବେଦନକାରୀଙ୍କ ନିଜ ନାମରେ କିମ୍ବା ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ (dependent) ନାମରେ କୌଣସି ପକ୍କାଘର ନ ଥିବ ।

୩. ଆବେଦନକାରୀ, ଏହା ପୂର୍ବରୁ, ଶ୍ରମିକ କଲ୍ୟାଣ ସଂଗଠନରୁ, ରାଜ୍ୟ ସରକାର କିମ୍ବା ଅନ୍ୟାନ୍ୟ ସରକାରୀ/ବେସରକାରୀ ସଂସ୍ଥାରୁ ଗୃହ ନିର୍ମାଣ ନିମନ୍ତେ କୌଣସି ଅନୁଦାନ ପାଇ ନ ଥିବେ ।

୪. ଆବେଦନକାରୀଙ୍କ ନିଜ ନାମରେ କିମ୍ବା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଯୁଗ୍ମ ଭାବରେ ବାସପୋଯୋଗୀ (homestead) ଜମି-ପଟ୍ଟା ଥିବା ଆବଶ୍ୟକ ।

୫. ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଆବଶ୍ୟକ ନିରିକ୍ଷଣ ପରେ, ଯୋଗ୍ୟ ହିତାଧିକାରିଙ୍କୁ RIHS-2016 ଯୋଜନାରେ ମିଳୁଥିବା ମୋଟ ଅନୁଦାନ ରାଶି, ଟ ୧,୫୦,୦୦୦ ମଧ୍ୟରୁ, ୨୫ ପ୍ରତିଶତ ରାଶି ଅଗ୍ରୀମ ରୂପେ (ପ୍ରଥମ କିସ୍ତି ରୂପେ), ୬୦ ପ୍ରତିଶତ ରାଶି ଗୃହର ଲିଣ୍ଟେଲ ଲେବେଲ ପରେ (ଦ୍ୱିତୀୟ କିସ୍ତି ରୂପେ) ଏବଂ ଅବଶିଷ୍ଟ ୧୫ ପ୍ରତିଶତ ନିର୍ମାଣ କାର୍ଯ୍ୟ ସମାପନ (ତୃତୀୟ କିସ୍ତି ରୂପେ) ପରେ ପ୍ରଦାନ କରାଯିବ ।

୬. ଏହି ଯୋଜନା ଅନ୍ତର୍ଗତ, ନୂତନ ଗୃହରେ ୨ଟି ଶୟନକକ୍ଷ/ହଲ୍, ଗୋଟିଏ ରୋଷେଇ ଘର (BHK) ସହ ସ୍ନାନାଗାର, ଶୌଚାଳୟ ଏବଂ ଲୁଗା ଶୁଖାଇବା ପାଇଁ ବ୍ୟବସ୍ଥା ରହିବା ନିହାତି ଆବଶ୍ୟକ ।

୭. ଆବଶ୍ୟକ ଜମିର ପରିମାପ, ସାଧାରଣ ବର୍ଗଙ୍କ ପାଇଁ ଅନ୍ୟୁନ ୬୪୬ ବର୍ଗ ଫୁଟ (60 sq. meter) ହେବା ଆବଶ୍ୟକ । ଆର୍ଥିକ ଅନଗ୍ରସରବର୍ଗ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ ଏହି ପରିମାପ ସୀମା କୋହଳ କରାଯାଇପାରେ । ଏହା ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨୦୧୫ ର ସର୍ତ୍ତାବଳୀ ପୂରଣ କରୁଥିବା ବିଧେୟ ।

୮. ଗୃହର ପ୍ଲାନ ଭୂକଂପ ନିରୋଧକ ହେବା ଉଚିତ୍ ଏବଂ ଅଧିକୃତ ସରକାରୀ ଅଧିକାରୀଙ୍କ ଦ୍ୱାରା ମଂଜୁର ହୋଇଥିବା ଆବଶ୍ୟକ ।

୯. ଗୃହ ନିର୍ମାଣ ପାଇଁ ଖର୍ଚ୍ଚ ରାଶିର କୌଣସି limit ନାହିଁ କିନ୍ତୁ ଏ ବାବଦ ମୋଟ ଖର୍ଚ୍ଚରୁ ଶ୍ରମ କଲ୍ୟାଣ ସଂଗଠନ ପକ୍ଷରୁ ଅନୁଦାନ ରାଶି ୧,୫୦,୦୦୦ ଟଙ୍କା ମଧରେ ସୀମିତ ଅଟେ ।

୧୦. ଗୃହ ନିର୍ମାଣ ପାଇଁ କୌଣସି ଜମାରାଶି ପଇଠ କରିବାର ଆବଶ୍ୟକତା ନାହିଁ ।

୧୧. ସମ୍ମତିପତ୍ର (ଏଗ୍ରିମେଣ୍ଟ)ରେ, ୧୦୦ ଟଙ୍କାର non-judicial stamp ସଂଲଗ୍ନ ହୋଇଥିବା ଉଚିତ ।

୧୨. ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ୪୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ ଅକ୍ଷମତା ପ୍ରମାଣପତ୍ର ଆବଶ୍ୟକ ।

୧୩. ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨୦୧୫ ଅନୁଯାୟୀ, ବାର୍ଷିକ ୩ ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବ୍ୟକ୍ତି ଆର୍ଥିକ ଅନଗ୍ରସର ଶ୍ରେଣୀ ଅନ୍ତର୍ଗତ ଅଟେ ।

୧୪. ମଂଜୁର ପ୍ରାପ୍ତ ହୋଇଥିବା ଦରଖାସ୍ତକାରିଙ୍କ ଗୃହ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ।

୧୫. ଆବେଦନକାରୀ, ଉକ୍ତ ଗୃହ ନିର୍ମାଣ ଯୋଜନାରେ ମିଳୁଥିବା ଅନୁଦାନ ରାଶି ପ୍ରାପ୍ତିକୁ - ନିଜର ଅଧିକାର ବୋଲି ଦାବି କରି ପାରିବେ ନାହିଁ ।